ଦିଦି - ଏଇ ଥର ଛାଡ଼ନ୍ତୁ । ଆପଣଙ୍କ ଏତେ ଗୁଣୀ ଝିଅ, ଦେଖିବେ ସେ କେତେ ନାଁ କରିବ ?

ବାପା - ଦେଖନ୍ତୁ, ତା' ମା'ଙ୍କୁ କୁହନ୍ତୁ ।

ଦିଦି - ଆଜ୍ଞା ଝିଅକୁ ଆମ ସାଙ୍ଗରେ ଛାଡ଼ନ୍ତୁ ଏଥର । ଆଉ ୫ ଜଣ ପିଲା ବି ଯାଉଛନ୍ତି ।

ମା - ହଁ ମୁଁ ଜାଣିଛି । କିନ୍ତୁ ଭୁବନେଶ୍ୱର, ଏତେ ଦୂର ! ଡର ଲାଗୁଛି ।

ଦିଦି - ଆପଣ ମୋ ଉପରେ ଭରସା ରଖନ୍ତୁ ।

ବାପା ଏବଂ ମା - ହଉ ଠିକ୍ ଅଛି ସେ ଯାଉ । ଆପଣଙ୍କ ଜିମାରେ ମୋ ଝିଅ ରହିଲା ।

ଶିକ୍ଷକ - ଧନ୍ୟବାଦ୍ ।

## ତୃତୀୟ ଦୃଶ୍ୟ

(ଆଦିବାସୀ ପଡ଼ିଆରେ ସରଗୀଫୁଲରେ Creative writing workshop ର ଦୃଶ୍ୟ)

ସାଧନବ୍ୟକ୍ତି- (ଆଲୋଚନା ଚାଲିଛି, ୨୫ ଜଣ ପିଲା ବି ବସିଛନ୍ତି) ଆଜି ପିଲାମାନେ ଆମେ ନାନାବାୟାର କବିତା ରଚନା କରିବା । ଚାଲ ସବୁ ପିଲା ମତେ ସାହାଯ୍ୟ କର ।

ପ୍ରଥମଟି ମୁଁ କହୁଚି :

ମୋ ହାତ
    ମୁଁ ଖାଇଥିଲି ଭାତ,
ଆକାଶରେ ପାରିଜାତ
    ନାଉରି ମାରୁଛି କାତ ।
ଆସ ଆମେ ଗାଇବା ଗୀତ
    ମାରିବୁନି ମୋ ଦେହରେ ହାତ
ହାତ ଖୋଳେ ମାଟି ଗାତ ।

ସାଧନବ୍ୟକ୍ତି- ବାଃ ବାଃ ଭାରି ବଢ଼ିଆ, ଆହୁରି ଯୋଡ଼, ହଁ ଚାଲୁ ।

ନିଜ ନିଜର ରଖିବା ମତ, ମୋ ଘର ଉପରେ ସୁନ୍ଦର ଛାତ ।

ମନରେ ହେଲା ପ୍ରଶ୍ନ ଜାତ, ଗଛରେ ଫଳିଛି ବହୁତ ଆତ ।

ଆସ ମିଶି ଦେଖିବା ଯାତ, ସରଗୀଫୁଲ ଆମ ପ୍ରକୃତ ମିତ ।

ସଂଯୋଜକ (ପ୍ରଦେଶ) - ଆଛା ଏଇଟା Creative Writing Junior group ତ ?

ସାଧନବ୍ୟକ୍ତି- ଆଜ୍ଞା ହଁ ।

ସଂଯୋଜକ - ଏଠାରେ ମୌସୁମୀ ଦଳାଇ ଅଛନ୍ତି ? ଗତକାଲି ହୋଇଥିବା Creative Writing ମାନେ ରଚନାତ୍ମକ ଲେଖା ପ୍ରତିଯୋଗିତାରେ 'ମୌସୁମୀ' ରଚନା ଓ କବିତା ଉଭୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ? ସମସ୍ତେ ଖୁସୀ ହୋଇଗଲେ ।

କେଶବ - ଦେଖିଲୁ ମୌସୁମୀ, କେତେ ବଢ଼ିଆ ହେଲା ନା ?

ଦିପ୍ସୀ ଦିଦି - ମୁଁ ଆଜି ହିଁ ତୁମ ଗାଁ କୁ ଫୋନ୍ କରି ତୋ ବାପା ମାଙ୍କୁ ଏଇ ଶୁଭ ଖବରଟା ଦେଇଦିଏ । ମୌସୁମୀ ଆମ ସ୍କୁଲର ଗର୍ବ ଏବଂ ଗୌରବ ।

## ଶେଷ ଦୃଶ୍ୟ

(ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କଠାରୁ ମୌସୁମୀ ପୁରସ୍କାର ନେଉଛି)

ଘୋଷକ - ବର୍ତ୍ତମାନ ଗଜପତି ଜିଲ୍ଲାର ମୌସୁମୀ ଦଳାଇଙ୍କୁ ମୁଁ ମଞ୍ଚକୁ ଡାକୁଛି । ସେ କବିତା ଓ ରଚନା ଲିଖନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମୌସୁମୀ, ଆପଣ ନିଜର ଅଭିଜ୍ଞତା କିଛି କୁହନ୍ତୁ ।

ମୌସୁମୀ - (ଖୁସୀରେ ଆଖି ଛଳ ଛଳ) ମୋ ସ୍ୱପ୍ନ ଆଜି ସଫଳ ହେଲା । ସେଥିପାଇଁ ମୁଁ ମୋ ସାଙ୍ଗମାନଙ୍କୁ ତଥା ଦିଦିଙ୍କୁ ଧନ୍ୟବାଦ ଜଣାଉଛି । ମୁଁ ଏଠାରେ ଯାହା ଯାହା ଶିଖିକରି ଯାଉଛି ତାହା ମତେ ଆହୁରି ଆଗକୁ ନେବ । ପୁଣି ଆସନ୍ତା ବର୍ଷ ଏଇ ସରଗିଫୁଲ କାର୍ଯ୍ୟକ୍ରମରେ ଦେଖାହେବ । ନମସ୍କାର ଧନ୍ୟବାଦ । ❒❒❒

(କରତାଳିର ବର୍ଷା )

ଅମିତ, ମୌସୁମୀ, ପ୍ରମୋଦ, ସବିତା ପଟ୍ଟନାୟକ

# ଛବିଟିଏକୁ ଗୀତଟିଏ

(କେତେ ଜଣ ମିଳି ଏକାଙ୍କିକା ଲେଖିବାର ନମୁନା)

## (୧)

## ନନ୍ଦନ

ମୋ ସାଙ୍ଗ ନନ୍ଦନ
ତା ମୁଣ୍ଡରେ ବୋଳା ହୋଇଥିଲା ଚନ୍ଦନ
ତାକୁ ଜଣାଉଥିଲେ ସର୍ବେ ଅଭିନନ୍ଦନ
ତାର ଥିଲା ଦୁଇ ବଡ଼ ନୟନ
କେଜାଣି କାହିଁକି କରୁଥିଲା ସେ କ୍ରନ୍ଦନ
ଲୋକେ ଦେଖି କହିଲେ କଣ ହେଲା ରେ କୁଳନନ୍ଦନ
ଦେଖିବାକୁ ତ ତୋର ସୁନ୍ଦର ଆନନ
ପୁଣି ଦୁଃଖୀ କାହିଁକି ତୋ ମନ ?
ମା'ଙ୍କ ମନ ତାର ହେଲା ଛନଛନ ।

## (୨)

ସେ' ଧରିଥିଲା ଗୋଟାଏ ବେଲୁନ
ଫାଟି ହୋଇଗଲା ଏକ ଫେଲୁନ୍
ତେଣୁ ଦୁଃଖୀ ହେଲା ତା'ର ମନ
ତାପରେ ଆରମ୍ଭ ହେଲା କ୍ରନ୍ଦନ
ମା ପଚାରିଲେ କହରେ ଧନ
କାହିଁକି ଶୁଖିଛି ତୋ ଚନ୍ଦ୍ରବଦନ
ଚାଲ କରିବୁ ଭୋଜନ
ତାପରେ କରିବୁ ସୁଖେ ଶୟନ
ନଥିଲା ତା'ର ଭୋଜନରେ ମନ
ଥିଲା ସର୍ଗିଫୁଲରେ ଧ୍ୟାନ
ଜିଣି ପାରିଲା ସେ ମା'ଙ୍କ ମନ
କଲା ଆଦିବାସୀ ପଢ଼ିଆକୁ ଗମନ ।

## (୩)

# ପାଣି

ଗୋଲ ଗୋଲ ପାଣି
ଆ' ମୋର ଧନମଣି
କହିବି ଗୋଟେ ମୁଁ କାହାଣୀ
ପାଣି ପିଇବୁ ପ୍ରତିଦିନ ଛାଣି
ଘୋ' ଘୋ' ରାଣୀ
ଆଣ୍ଠୁଏ ଆଣ୍ଠୁଏ ପାଣି
ରାଜାଙ୍କ ସ୍ତ୍ରୀ ରାଣୀ
ରାଣୀଙ୍କ ମୁଣ୍ଡରେ ମଣି
ରାଣୀଙ୍କ ଗୋଲ ଗୋଲ ଗ୍ରହାଣୀ
ତାହା ରାଜାଙ୍କ ଅମୂଲ୍ୟ ଖଣି
ଗୀତ ଗାଇବ ଜାଣି
କଟକରେ ଅଛି ଆକାଶବାଣୀ ।
କୂଅରୁ କାଢ଼ିବ ପାଣି
ଜାମା ରଖିବ ଆଣିବ କିଣି
ପଇସା ଦେବ ଗଣି,
କ୍ଷୀରରୁ ବାହାରେ ଲହୁଣୀ
ଦେଖ ଗଛରେ ବସିଚି ବଣି ।

# (୪)

# ଆଳୁ

ମତେ ଭଲ ଲାଗେ ଆଳୁ
ମୋ ନାଁ ହେଲା କାଳୁ
ପଡ଼ିଆରେ ଆମେ ଖେଳୁ
ପିଲାଦିନୁ କେଉଁକାଳୁ ।
ଆମ ବାଡ଼ିଆଡ଼େ ଖମ୍ବଆଳୁ
ଆମେ ତ କୁକୁର ପାଳୁ
ମିଳିମିଶି ଆମେ ଚଳୁ
ଏହି ପ୍ରଥା ଅଛି କେତେକାଳୁ ।
ଭାତ ହୋଇଗଲେ ଗାଳୁ
କ୍ଷୀରରେ ପାଣି ଢାଳୁ
ଭଗବାନ ବଡ ଦୟାଳୁ
ପଡ଼ିଲେ ଫାଟିବ ତାଳୁ
ଗ୍ଲେବେଇ ଗ୍ଲେବେଇ ଗିଳୁ
ପ୍ରତିଦିନ ଉଠୁ ସକାଳୁ
ଦାନ୍ତ ଘଷି ଆଖି ମଳୁ
'ସରଗିଫୁଲ' ଯାଇଛି କାଳୁ ।

## (୫)

# କଟକ

ଯାଇଥିଲି ମୁଁ କଟକ
ବାଟରେ ଦେଖାହେଲା ମୋ ସାଙ୍ଗ କନକ
ସେ କହିଲା ସାଙ୍ଗ ମାରିବୁ ଡାକ
ଆମେ ଦୁହେଁ ମିଶି କରିବା କଥକ
ଏଇକଥା ଚାରିଆଡ଼େ ଖେଳେଇଦେଲା ମହକ
ଦେଖିଲୁ ଦିହେଁ, ପୋଖରୀରେ ଖେଳୁଥିଲେ ବତକ ।
ଆମେ ଦୁହେଁ ଅଭିନୟ କଲୁ ନାଟକ
ସାଙ୍ଗ କହିଲା ଆରେ, ଢୋଲ ଏକ ନୃତ୍ୟକାରକ
ଆମ ଚିରଂଜୀବ ଭାଇ ଜଣେ ନାଚ ଶିକ୍ଷକ
ତାଙ୍କର ଏକ ଏତେ ବଡ଼ ନାକ
ଯାହାକୁ ଦେଖି ଲୋକେ ହେଲେ ଅବାକ
ପଡ଼ିଲାନି କାହା ଆଖିର ପଲକ
ଏବେ ଆସ ଦେଖିବା ନାଟକର ଝଲକ ।



# (୬)

# ହାଟ

ମୋ ପେଟ ଯାଇଥିଲା ହାଟ

ବାଟରେ ହେଲା ଭାଇଙ୍କ ସଙ୍ଗେ ଭେଟ

ଆମେ ଦୁହେଁ ମିଶି କଲୁ ନାଟ

ନାଟ ହେଲା ତାଙ୍କର ପ୍ରଘଟ

ସମସ୍ତେ କହିଲେ ଏହା କେଉଁ ନାଟୁଆଙ୍କ ନାଟ ।

ତାଙ୍କୁ ଧର ଆଉ ପିଟ

ଦେଖ କାହାର ପିଠିରେ ପଡ଼ିଲା ଛାଟ

ସେଇ ଛାଟ ଖାଇ ଭାଇ ହେଲେ ଛଟପଟ

ହେଲେ ଖାଲି ଏପଟ ସେପଟ

ଖୋଜିଲେ ଖସିବାକୁ ବାଟ ।

## ବିଷୟ ବିସ୍ତାରଣ

**ଗୋଟିଏ ନିର୍ଦ୍ଦିଷ୍ଟ କଥାର ବିସ୍ତାରିତ ଲେଖା : ବିଷୟ-ମୋ ସାଙ୍ଗ**

# ସାଙ୍ଗର ଜୀବନୀ

ମୋ ସାଙ୍ଗ ଲବ । ତାଙ୍କର ପରିଚୟ ଭଲିବଲ ଖେଳୁଥିବା ଲବ । ତାଙ୍କର ପ୍ରକୃତ ନାମ ଲବ ମାଝୀ । ସେ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋରାଖପୁର, ରାୟଗଡ଼ାଠାରେ ଅଧ୍ୟୟନ କରୁଛନ୍ତି । ସେ ସେଠାରେ ୭ମ ଶ୍ରେଣୀରେ ପଢ଼ନ୍ତି ।

ମୋ ସାଙ୍ଗ ତାଙ୍କ ବାପାଙ୍କ ବିଦ୍ୟାଳୟରେ ଜଇନ୍ କଲେ ଏବଂ ସେ ସେହି ବିଦ୍ୟାଳୟରେ ରହିଲେ । ତାଙ୍କ ବିଦ୍ୟାଳୟର ନିୟମକାନୁନ ଅନୁଯାୟୀ ରୁଟିନ୍ ପ୍ରସ୍ତୁତ କରାଯାଇଥାଏ । ଦିନେ ତାଙ୍କ ଶ୍ରେଣୀର ବିଜ୍ଞାନ ଶିକ୍ଷକ ପ୍ରବେଶ କଲେ ଏବଂ ବିଜ୍ଞାନ ବହିଟି ପିଲାଙ୍କ ଠାରୁ ଆଣି ଦ୍ୱିତୀୟ ପାଠ ପଢ଼ାଇବା ପରିବର୍ତ୍ତେ ତୃତୀୟ ପାଠଟିକୁ ପଢ଼ାଇଲେ । ବିଜ୍ଞାନ ଶିକ୍ଷକ ଯେମିତି ଶ୍ରେଣୀ କକ୍ଷରୁ ବାହାରି ଗଲେ, କେହି ଜଣେ ଶିକ୍ଷକଙ୍କୁ ଏକ ନାମ ଦେଇ ଥିଲା । ତାହା ହେଲା "କଣା, ଆମ ଶ୍ରେଣୀ କକ୍ଷକୁ ଆସିଗଲେଣି" । ଶିକ୍ଷକଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ସାକ୍ଷାତ କଲାବେଳେ ସେ ସେଇକଥା ମନେ ପକାନ୍ତି । ଭାବନ୍ତି ଯେ "ଆରେ, ମୁଁ କାହିଁକି ଏମିତି ସାର୍‌ଙ୍କୁ କହିଲି" ? ସେ ଚିନ୍ତାକଲେ ଯେ ମୁଁ ଏଇଟା ଠିକ୍ କରୁଛି ନା, ନାହିଁ । ସେହି ଦିନ ଠାରୁ ସେ ଆଉ ଏମିତି ଚଗଲାମି କଲେ ନାହିଁ । ତା'ପରେ ସେ ଏକ ସଂକଳ୍ପ କଲେ ଯେ ମନରେ ସର୍ବଦା ଭଲ ଭାବନା ଆଣିବେ ଏବଂ ଅନ୍ୟମାନଙ୍କର ପରୋପକାରରେ ଲାଗି କାମ କରିବେ ।

ଆଉ ଏକ ଘଟଣା । ତାଙ୍କ ଗ୍ରାମ ମଧ୍ୟରେ ଗୋଟିଏ କଦଳୀ ବାଡ଼ି ଥାଏ । ସେଠାରେ କଦଳୀ ପାଚି ହଳଦିଆ ହୋଇ କେତେ ସୁନ୍ଦର ଦେଖା ଯାଉଥାଏ । ହେଲେ ସେ କ'ଣ କଲେ ନା ଚୁପି ଚୁପି ଯାଇ ସେଠାରେ ପହଞ୍ଚିଲେ ଓ ଯେତେ ପାରିଲେ ମନଇଚ୍ଛା ଖାଇଲେ ଏବଂ ପୁଣି ଫେରି ଆସିଲେ । ଠିକ୍ ଏପରି କେତେ ଦିନ କରିବା ପରେ ତାଙ୍କ ମନରେ ଏକ ଅଲଗା ଭାବନା ଆସିଲା । ସେ ଠିକ୍ କଲେ ଯେ ସେହି ଦିନଠାରୁ ସେ କେବେ ଏପରି ଅପରାଧ କାମ କରିବେ ନାହିଁ ।

ଲବ ଭଲିବଲ ଖେଳିବାକୁ ବହୁତ ଭଲ ପାଆନ୍ତି ଏବଂ ଖେଳରେ ମଧ୍ୟ ସେ ସଫଳତା ଲାଭ କରିଛନ୍ତି । ଏଣୁ ତାଙ୍କୁ ଏପରି ନାମ କରାଯାଇଥିଲା ଯେ "ଭଲିବଲ ଖେଳୁଥିବା ଲବ" ଭାବେ ସେ ଜଣାଶୁଣା ହୋଇଗଲେ । ସେ ଦିନେ ବଡ଼ କୋଚ୍ ହୋଇ ଏବେ ବିଭିନ୍ନ କ୍ଷେତ୍ରରେ ଯୋଗ ଦେଇ ସୁନାମ ଅର୍ଜନ କରିବା ନିମନ୍ତେ ଆଗକୁ ସ୍ୱପ୍ନ ଦେଖୁଛନ୍ତି ।

**କେଶବ ପ୍ରଧାନ**
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ହୁମ୍ମା, (ଗଂଜାମ)

# ସାଙ୍ଗ

ମୋ ସାଙ୍ଗ ରଜତ୍ ପ୍ରଧାନ । ତା' ଜୀବନର ଛୋଟ କାହାଣୀଟିଏ ସେ ମୋତେ ଶୁଣେଇ ଥିଲା । ସେ ଛୋଟବେଳେ ଚୋରି କରୁଥିଲା । ସେ ତାଙ୍କ ଗାଁ ସ୍କୁଲ୍‌ରେ ପଢୁଥିଲା । ଯେତେବେଳେ ତାଙ୍କ ସ୍କୁଲ୍‌ରେ ପଢୁଥିଲା, ସେ ସ୍କୁଲ୍ ବଗିଚ୍‌ରୁ ଥରେ ପିଜୁଳି ଚୋରି କରିଥିଲା । ଏକଥା ଶୁଣି ସ୍କୁଲ୍‌ର ଶିକ୍ଷକ ତାକୁ ବହୁତ ଗାଳିଦେଲେ ଓ ପିଟିଲେ । ମୋ ସାଙ୍ଗ ଘରକୁ ଯାଇ ବାପାଙ୍କୁ ସେକଥା ଜଣେଇଲା । ତା' ବାପା ଆସି ଶିକ୍ଷକଙ୍କୁ ଗାଳିଦେଲେ । ଶିକ୍ଷକ ତା' ବାପାଙ୍କୁ ଶାନ୍ତ ଭାବରେ କହିଲେ ଆପଣ ଯଦି ଆପଣଙ୍କ ପିଲାକୁ ବହୁତ ଗେହ୍ଲା କରିବେ, ଭୁଲ କଲେ କିଛି କହିବେ ନାହିଁ, ତେବେ ସେ ଆଗକୁ କେବେ ହେଲେ କିଛି କଥା ଶୁଣିବ ନାହିଁ । ଆଉ କେବେ ବି ବଡ଼ ମଣିଷ ହୋଇ ପାରିବ ନାହିଁ । ଏକଥା ମୋ ସାଙ୍ଗ ଶୁଣୁଥିଲା । ସେହି ଦିନଠାରୁ ସେ ଆଉ ଚୋରି ନାହିଁ । ସେ ତା' ବାପା, ଶିକ୍ଷକ ଓ ବଡ଼ ମଣିଷଙ୍କ କଥା ମାନିଲା । ଆଉ ସବୁଦିନ ବିଦ୍ୟାଳୟ ଯାଇ ପାଠ ପଢ଼ିଲା ।

**କୁମାରୀ ହୀରାମଣି ମାଣ୍ଡି**
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ରାଇରଙ୍ଗପୁର

## ମୋ ସାଙ୍ଗ

ମୋ ସାଙ୍ଗ ନକୁଳ ପ୍ରଧାନ । ସେ ପିଲା ଦିନେ ସ୍କୁଲକୁ ଗଲାବେଳେ ବିଭିନ୍ନ ପ୍ରକାର ଫଳ ଗୋଟିଏ ବଗିଚାରୁ ଚୋରି କରୁଥିଲେ । ଥରେ ବଗିଚାରେ ଆମ୍ବ ଫଳ ପାଚି ଯାଇଥାଏ । ସେ ଖାଇବା ଛୁଟିରେ ଘରକୁ ଆସି ପୁଣି ସ୍କୁଲକୁ ଫେରିଲା ବେଳେ ଆମ୍ବ ଚୋରି କରିଥିଲେ । କେତେକ ସହପାଠୀ ସେତେବେଳେ ନିଜ ନିଜ ଘରକୁ ଖାଇବାକୁ ଯାଉଥିଲେ । ସେମାନେ ତାଙ୍କୁ ଆମ୍ବ ଚୋରି କରୁଥିବାର ଦେଖିଲେ ଏବଂ ତାଙ୍କୁ କିଛି ନ କହି ସିଧା ସ୍କୁଲକୁ ଯାଇ ଶିକ୍ଷକଙ୍କୁ କହିଲେ । ସେ ସ୍କୁଲ ଗଲାପରେ ବହୁତ ଗାଳି ଖାଇଲେ । ସେହି ଗାଳି ତାଙ୍କୁ ଏକ ବାଟ ଦେଖାଇଲା ଓ ସେହି ବାଟରେ ଚାଲି ସେ ଆଜି ସରଗିଫୁଲ ପହଞ୍ଚି ପାରିଛନ୍ତି ବୋଲି ମୋର ଅନୁଭୂତି । ସେହିଦିନଠାରୁ ସେ ଆଉ କାହା ବାଡ଼ିରୁ କିଛି ଚୋରି କରିନାହାନ୍ତି ବୋଲି କହନ୍ତି ।

**ମୁନା ପୂର୍ତ୍ତି**
ସପ୍ତମ ଶ୍ରେଣୀ
ତୁଳସୀପୁର ଆଶ୍ରମ ସ୍କୁଲ,କଟକ

## ମୋ ସାଙ୍ଗ

ମୋ ସାଙ୍ଗ ହୀରା ମାଣ୍ଡି । ସେ ରାଇଙ୍ଗ୍ କନ୍ୟାଶ୍ରମ ବିଦ୍ୟାଳୟରେ ପଢ଼ନ୍ତି । ସେ ଛୋଟ ବେଳେ ବହୁତ ଦୁଷ୍ଟାମି କରୁଥିଲେ । ଗାଁ ସ୍କୁଲକୁ ପାଠ ପଢ଼ିବାକୁ ଯାଉଥିଲେ । ଭଲପାଠ ପଢ଼ା ପଢ଼ି କରୁନଥିଲେ । ସାଙ୍ଗମାନଙ୍କ ସହିତ ଗଣ୍ଡଗୋଳ କରୁଥିଲେ । ଥରେ ସ୍କୁଲରେ ପାଠପଢୁ ନ ଥିବା ଜାଣି ବାପା ବାଡ଼େଇଲେ । ତାଙ୍କ ବାପା ବାଡ଼େଇବାରୁ ସେ ଆଉ ବିଦ୍ୟାଳୟକୁ ଗଲେ ନାହିଁ । ବାପା ଜାଣି ପାରିଲେ । ତା' ପରେ ତାଙ୍କ ବାପା ତାଙ୍କୁ ଭଲରେ ଭଲରେ ବୁଝାଇଲେ । ପାଠ ପଢ଼ିବା ଫଳରେ କିପରି ବଡ଼ ମଣିଷ ହେବେ ସେ ବିଷୟରେ ବୁଝାଇଲେ । ତା'ପରେ ସେ ସ୍କୁଲକୁ ଗଲେ । ଏବେ ସେ ବହୁତ ମନ ଦେଇ ପାଠ ପଢୁଛନ୍ତି ।

**ମୁନା ପୂର୍ତ୍ତି**
ସପ୍ତମ ଶ୍ରେଣୀ
ତୁଳସୀପୁର ଆଶ୍ରମ ସ୍କୁଲ,କଟକ





# କଥାରେ କଥାରେ

## (୧)

ଏଇ ମୋର ଜନମ ମାଟି,
ଆମେ  ଏଇ ମାଟିର  ସର୍‌ଗିଫୁଲ,
ଆମେ ଏଇ ମାଟିର ସର୍‌ଗିଫୁଲ,
ଏଇ ମାଟି ଆମର ଜନମ ଦାତ୍ରୀ
ଜୀବନ ଧାତ୍ରୀ, ସ୍ୱର୍ଗ ତୁଲ୍ୟ ।

**ପ୍ରକାଶ ସେଠୀ**
ସରକାରୀ ଉଚ୍ଚ ବିଦ୍ୟାଳୟ, ସୁନାବେଡ଼ା

## (୨)

ସର୍‌ଗିଫୁଲ ସର୍‌ଗିଫୁଲ
ସବୁ ବର୍ଷ ପାଇଁ ମୋତେ ପାଇଛୁ ଭଲ ।
ତୋ ସାଥେ ଖେଳିବି, ହସିବି
କରିଥିବୁ ମୋତେ ଗେଲ  ।

**ସୁକ୍ର ଲେଙ୍ଗି,**
ସରକାରୀ ଉଚ୍ଚ ବିଦ୍ୟାଳୟ, ହରିପୁର, ଖୋର୍ଦ୍ଧା

## (୩)

**ସ** - ସଜବାଜ ହୋଇ ଆସିଛୁ ଆଦିବାସୀ ଭଉଣୀ ଭାଇ
**ର** - ରଙ୍ଗ ଭରିଦେଇ ମନରେ ରଙ୍ଗିନ ସପନ ଦେଖିବା ପାଇଁ
**ଗି** - ଗିରିବନ ନାଳ ଝରଣା ଡେଇଁ ଆସିଛୁ ଆମେ
**ଫୁ** - ଫୁଲଟିଏ ହୋଇ ଫୁଟିବୁ ନିଜ ନିଜ ଗହଣେ
**ଲ** - ଲକ୍ଷ୍ୟ ଆମର ହୋଇବ ଦିନେ ଅବଦୁଲ କଲାମ୍ ହୋଇବା ପାଇଁ
**ର** - ରଖିଯିବୁ ନିଜ ଯଶ ଯେ, ବୃକ୍ଷଲତା ଭଳି ମହାନ ହୋଇ
**ହ** - ହସ ଭରି ଦେଇ ଓଠରେ ଆମେ ହସାଇ ଦେବୁ
**ସ** - ସମାଜରେ ବଡ଼ ହୋଇ ଯେ, ନିଜ ନାମ ରଖିବୁ

**ସ୍ୱର୍ଣ୍ଣଲତା ମହାପାତ୍ର**
ସରକାରୀ ଉଚ୍ଚ ବିଦ୍ୟାଳୟ, ହରିପୁର, ଖୋର୍ଦ୍ଧା



(୪)

ସର୍‌ଗିଫୁଲରେ ସର୍‌ଗିଫୁଲ

ତୋ ଅପେକ୍ଷାରେ ଅଛି କନ୍ଧମାଳ

ଆର ବରଷକୁ ପୁଣି ଆସିବୁ

ଛାତ୍ରଛାତ୍ରୀଙ୍କୁ ତୁ କୋଳ କରିବୁ

ଏପରି ଗ୍ଲୁ ସବୁ ବରଷ

ସାରା ରାଜ୍ୟ ହେବ ବଡ଼ ସନ୍ତୋଷ ।

**ରିଙ୍ଗଶ୍ୱର ମହାନ୍ତି**
କନ୍ଧମାଳ

(୫)

ସର୍‌ଗିଫୁଲ - ୨୦୧୧ ନିଶ୍ଚିତଭାବେ ୨୦୧୦ଠାରୁ ବହୁ ଗୁଣରେ ଉନ୍ନତି କରିଛି । ମୁଁ ଆଶା କରୁଛି ଆଗାମୀ ୨୦୧୨ ସର୍‌ଗିଫୁଲ ମହୋତ୍ସବ ନିଶ୍ଚିତ ଭାବେ ଆହୁରି ଅଧିକ ଆକର୍ଷଣୀୟ ହେବ । ଏଥି ସହିତ ନୂତନ ବର୍ଷ ୨୦୧୨କୁ ସ୍ୱାଗତ ଜଣାଇ ରହୁଛି ।

**ନିରଞ୍ଜନ ମହାପାତ୍ର, ଶିକ୍ଷକ**
ସରକାରୀ ଉଚ୍ଚ ବିଦ୍ୟାଳୟ, ମାଲକାନ୍‌ଗିରି

(୬)

ମୁଁ ଦ୍ୱିତୀୟ ଥର ପାଇଁ ଏ ବର୍ଷ ସର୍‌ଗିଫୁଲ - ୨୦୧୧ ପ୍ରତିଯୋଗିତାରେ ଭାଗ ନେଇଛି । ହେଲେ ଏ ବର୍ଷର ଅନୁଭୂତି ଗତବର୍ଷଠାରୁ ଅଧିକ ଶିକ୍ଷଣୀୟ ଓ ମଜାଦାର ଥିଲା ।

**ଶୁଭଶ୍ରୀ ନାଏକ**
ରେମେଣ୍ଡା ଆଶ୍ରମ ସ୍କୁଲ, ଝାରସୁଗୁଡ଼ା

(୭)

ମୁଁ Science Game workshop ରେ ଅଛି । ମୋତେ ସର୍‌ଗିଫୁଲ ଉତ୍ସବଟି ବହୁତ ଭଲ ଲାଗିଲା । ଆମ୍ଭମାନଙ୍କୁ Sir ଓ madam ମାନେ ଭଲ ଭଲ ଶିକ୍ଷା ପ୍ରଦାନ କଲେ । ଆମକୁ ଗପ ଓ ଗୀତ ମାଧ୍ୟମରେ ଶିକ୍ଷା ପ୍ରଦାନ କଲେ । ଏଥିପାଇଁ ମୁଁ Sir ଓ madam ମାନଙ୍କୁ ବହୁତ ଧନ୍ୟବାଦ ଜଣାଉଛି ।

**ସୁମତୀ ହେମ୍ବ୍ରମ**
ନବମ ଶ୍ରେଣୀ, ସମ୍ବଲପୁର

(୮)

ମୋତେ ବହୁତ ଭଲ ଲାଗିଲା, ବିଭିନ୍ନ ପ୍ରକାରର project ଦେଖି । ବିଭିନ୍ନ ପ୍ରକାରର ନୂଆ ନୂଆ ଜିନିଷ ସବୁ ଶିଖିଲି ।

**ସୁବାଷ ସୋଲି**
ନବମ ଶ୍ରେଣୀ, ସମ୍ବଲପୁର

(୯)

ସର୍‌ଗିଫୁଲ ନୁହେଁ, ଏହା ସରଗଫୁଲ December ରେ ହୁଏ ହୁଲସ୍ଥୁଲ / ସଲପଠାରୁ କରି ମହୁଲ ଫୁଲ ଭୁବନେଶ୍ୱରରେ ହୁଅନ୍ତି ଠୁଲ ।

**ପ୍ରଶାନ୍ତ ମୁଦେଇ**
ସରକାରୀ ଉଚ୍ଚ ବିଦ୍ୟାଳୟ, ବଣଭୂୟା

## (୧୦)

ହେ ମୋର ସରଗିଫୁଲ
ପିଲାଙ୍କର ମେଳ୍‌ରେ ଦିଶୁ ବଉଲ
ଧରିଛୁ କେତେ ଷ୍ଟାଇଲ
ନାଚ ଗୀତ ଆର୍ ଗଣିତ ଖେଳ୍
ବିଜ୍ଞାନ, କଳା ଓ ସଂସ୍କୃତି ମାଲ
ଗୁଞ୍ଜି ରଖିଥିବୁ କେତେ ଯେ ଫୁଲ
ମୋତେ ଏଠେ କେତେ ଲାଗୁଛି ଭଲ
ବଢ଼ିଆ ଏଇ ସରଗିଫୁଲ

**ବବିତା ଲୁହାର**
ବରବଣା ଆଶ୍ରମ ସ୍କୁଲ, ବରବଣା

## (୧୧)

ଏସୁର୍ ସରଗିଫୁଲ ପର୍‌ହୁନୁ ବି
ବହୁତ ବଢ଼ିଆ ଅଛେଁ
ରାଇଜ ଜାକର୍ ଠାର୍ ବାସ୍‌ନା
ମହ ମହ କରେ ବାସୁଛେ ।

**ଉମାଶଙ୍କର ପଣ୍ଡା**
କଳାହାଣ୍ଡି

## (୧୨)

୨୦୧୧ ସରଗିଫୁଲ
କହିନୁଁ ପାରୁନି ଲାଗୁଛି ଭଲ୍
ରୂପ ତୁମ ପୂରା ଡୋଉଲ ଡାଉଲ
ରହିଯାଅ ତୁମେ ହଜାର ସାଲ ।

**ସନାତନ ବିନିସିଆ**
ସରକାରୀ ଉଚ୍ଚ ବିଦ୍ୟାଳୟ, ଶରତ, ମୟୂରଭଞ୍ଜ

# ଶେଷକଥା

ଅନେକ ସମୟରେ ଦେଖାଯାଇଛି ଯେ ଗୋଟିଏ ଗୋଟିଏ ଲେଖାର ପ୍ରଭାବ ଯୋଗୁଁ କେତେ ମଣିଷଙ୍କ ମନରେ ଅବିଶ୍ୱସନୀୟ ପରିବର୍ତ୍ତନ ଘଟିଛି । ଗୀତା, କୋରାନ୍, ବାଇବେଲ୍, ଜେନ୍ଦ୍ ଆଭେସ୍ତା ଓ ତ୍ରିପଟକଠାରୁ ଆରମ୍ଭ କରି ବିଭିନ୍ନ କାହାଣୀ, ଉପାଖ୍ୟାନ ଓ ଶାସ୍ତ୍ର-ପୁରାଣ ପର୍ଯ୍ୟନ୍ତ, ସବୁଲେଖାର ପ୍ରଭାବ ପ୍ରତ୍ୟେକ ଚିନ୍ତାଶୀଳ ମଣିଷ ଅନୁଭବ କରେ ।

ମହାତ୍ମାଗାନ୍ଧୀଙ୍କ ଜୀବନ କିଭଳି ଏକ ଲେଖା ଦ୍ୱାରା ବଦଳି ଯାଇଥିଲା ସେକଥା ସେ ଆପଣାର ଆତ୍ମକାହାଣୀରେ ଲେଖିଛନ୍ତି । ବହିଟି ହେଉଛି, "ଅନ୍ ଟୁ ଦିସ୍ ଲାଷ୍ଟ", ଓଡ଼ିଆରେ ହେବ "ଏହି ଶେଷ ପର୍ଯ୍ୟନ୍ତ" । ସେ ଲେଖାରୁ ସେ ତିନିଗୋଟି ମୂଲ୍ୟବାନ କଥା ପାଇଥିଲେ । ପ୍ରଥମଟି ହେଲା ଯେ- "ଜଣକର ମଙ୍ଗଳ ସମସ୍ତଙ୍କ ମଙ୍ଗଳ ଭିତରେ ହିଁ ସମ୍ଭବ" । ଦ୍ୱିତୀୟଟି ହେଲା, "କୌଣସି କର୍ମ ଛୋଟ କିମ୍ବା ବଡ଼ ନୁହେଁ ।" ତୃତୀୟଟି ହେଲା "ଶ୍ରମ ସହିତ ଯୋଡ଼ା ଓ ଉତ୍ପାଦନ କରୁଥିବା ଶ୍ରମ ହିଁ ଅସଲ ମହତ କର୍ମ" ।

ଗୋଟିଏ ଗୋଟିଏ ଉତ୍ତମ ସୃଷ୍ଟି ବା ଲେଖା ମଣିଷକୁ ବଦଳେଇ ଦିଏ, ସଭ୍ୟତାକୁ ଗଢ଼ି ଦିଏ ପୁଣି ଇତିହାସକୁ ଆୟତ୍ତ କରିନିଏ । ତେଣୁ ଆମେ ପଢ଼ିବା, ଲେଖିବା ଓ କର୍ମ-ନିପୁଣ ହେବା ।

ଆଗାମୀ ସମୟ ଆମର । ତା'କୁ ଗଢ଼ିବା ସଜାଡ଼ିବା ଦାୟିତ୍ୱ ବି ଆମମାନଙ୍କର । ସର୍‌ଗିଫୁଲର ସତେଜତା ଆମକୁ ସବୁଦିନ ଶ୍ରମନିଷ୍ଠ, କର୍ମ-ପ୍ରବଣ ତଥା ପ୍ରଫୁଲ୍ଲିତ ରଖୁ ଏତିକି କାମନା ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ